# ଧସିଲା ପଥର ପ୍ୟାକିଂ ୱାଲ୍

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତ ପ୍ରଭାତୀ ଗାଁ ଗହିରମଥା ତଟବନ୍ଧ ପାର୍ଶ୍ୱରେ ହୋଇଥିବା ପଥର ପ୍ୟାକିଂ କ୍ରମାଗତ ଭାବେ ଧସି ଚାଲିଛି। ଏନେଇ ଲୁଣା ନଦୀର ପାଖ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଦିନ ବିତାଉଛନ୍ତି। ଗତ ୨ ମାସ ତଳେ ଏହି ପଥର ପ୍ୟାକିଂ କାର୍ଯ୍ୟ ଶେଷ ହୋଇଥିବା ବେଳେ ଏହା ଧସି ଯାଇ ପଥର ସବୁ ନଦୀ ଗର୍ଭକୁ ଚାଲିଯାଇଛି । ନିମ୍ନମାନର ନିର୍ମାଣ କାର୍ଯ୍ୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ରାଜନଗର ବ୍ଲକରେ କାର୍ଯ୍ୟକାରୀ ହୋଇଥିବା ତଟବନ୍ଧ ସୁଦୃଢୀକରଣ ଯୋଜନାର ବାସ୍ତବତା ପ୍ରତି ଏହି ଘଟଣା ପ୍ରଶ୍ନବାଚୀ ଛିଡା କରିଛି । ପ୍ରଭାତୀ ଗ୍ରାମର ବନମାଳୀ ମଣ୍ଡଳ କହିଛନ୍ତି, କେନ୍ଦ୍ରାପଡା ଜିଲାର ୪୮କିମି ସମୁଦ୍ର ତଟ ଅଛି । ଏହାକୁ ସୁରକ୍ଷା ଦେବା ସହିତ ତଟବର୍ତ୍ତୀ ଆଭ୍ୟନ୍ତର ଅଞ୍ଚଳକୁ ଲୁଣା ଜୁଆର ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ଜଳ ସମ୍ପଦ ବିଭାଗ ଅଧୀନରେ ନବେ ଦଶକରେ ଆଳିଠାରେ ଏକ ସ୍ୱତନ୍ତ୍ର ତଟବନ୍ଧ ଡିଭିଜନ ଖୋଲାଯାଇଥିଲା । ତଟାଞ୍ଚଳ ସୁରକ୍ଷା ପାଇଁ ଡିଭିଜନକୁ କୋଟି କୋଟି ଟଙ୍କା ଅନୁଦାନ ଆସୁଛି । ଏହି ଡିଭିଜନ ଦ୍ୱାରା ବହୁ ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟ ବଦଳିଛି ସିନା ତଟାଞ୍ଚଳର ସୁରକ୍ଷା କ୍ଷେତ୍ରରେ କୌଣସି ସୁଧାର ଆସିଲାନାହିଁ। ରାଜନଗର ବ୍ଲକର ଉପାନ୍ତରେ ଥିବା ଗହିରମଥା ନଦୀ ତଟବନ୍ଧ ପାର୍ଶ୍ୱକୁ ଠିକାସଂସ୍ଥା ନାମକୁ ମାତ୍ର ପଥର ପ୍ୟାକିଂ ଓ ନିମ୍ନମାନର ୱାଲ ନିର୍ମାଣ କରିଥିବାରୁ ଅତଡା ଧସିବା ଫଳରେ ପ୍ରାୟ ୫୦ ଫୁଟରୁ ଅଧିକ ଲମ୍ବର ସ୍ପର ୱାଲଟ ଲୁଣାନଦୀକୁ ଚାଲିଯାଇଛି । ପଥର ପ୍ୟାକିଂ ଧସୁଥିବା ସ୍ଥାନର ଅନତି ଦୂରରେ କେରୁଆଁପାଳ ପଞ୍ଚାୟତର ଶତାଧିକ ପରିବାର ବସବାସ କରୁଛନ୍ତି । ଯେଉଁ ସ୍ଥାନରେ ପଥର ପ୍ୟାକିଂ ଧସୁଛି ତାହା ନିକଟରେ ଏକ ଟର୍ନିଂ ପଏଣ୍ଟ ରହିଛି । ଏହି ସ୍ଥାନର ପୂର୍ବ ଦିଗରେ ହେନ୍ତାଳ ବଣ ରହିଛି। ଏହି ଟର୍ନିଂ ପଏଣ୍ଟ ସ୍ଥାନରେ ନିମ୍ନମାନର ପଥର ପ୍ୟାକିଂ ଓ ୱାଲ କାର୍ଯ୍ୟ ହୋଇଥିବା ଯୋଗୁ ଲୁଣା ଜୁଆର ମାଡରେ ଏହିଠାରେ ପଥର ସବୁ ଧସି ଯାଇ ନଦୀ ଗର୍ଭକୁ ଚାଲିଯାଇଛି । ଫଳରେ ମୂଳବନ୍ଧ ପ୍ରତି ବିପଦ ସୃଷ୍ଟି ହେଇଛି । ଏହାର ପ୍ରତିକାର କରା ନ ଗଲେ ତଟ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି କରି


ପ୍ରଭାତୀ ଗ୍ରାମରେ ଧସିଥିବା ପଥର ପ୍ୟାକିଂୱାଲ ।

କେରୁଆଁପାଳ ପଞ୍ଚାୟତର ଗ୍ରାମଗୁଡିକ ସମୁଦ୍ର ଲୁଣାନଦୀ ଗର୍ଭରେ ଲୀନ ହୋଇଯିବା ଆଶଙ୍କା ସୃଷ୍ଟି କରିଛି । ଗ୍ରାମର ଭାଜପା ନେତା ଶଶଧର ମଣ୍ଡଳ କହିଛନ୍ତି, କେରୁଆଁପାଳ ପଞ୍ଚାୟତକୁ ସୁରକ୍ଷା ଦେବାପାଇଁ ଲୁଣାନଦୀ ଶଯ୍ୟାରେ କଂକ୍ରିଟ ୱାଲ, ପଥର ପ୍ୟାକିଂ, ଡ୍ରପିଂ ଓ ବେସ୍ ତିଆରି ପାଇଁ ପଞ୍ଚାୟତ ଲୋକେ ତଟବନ୍ଧ ବିଭାଗକୁ ଦାବି କରିଆସୁଥିଲେ । ଏହି ବିଭାଗ ପକ୍ଷରୁ ଦୁର୍ବଳ ଲୁଣା ଘେରିବନ୍ଧ ଜୁଆର ପାଣି ମାଡ କରୁଥିବା ଟର୍ନିଂ ପଏଣ୍ଟରେ ପ୍ରାୟ ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଥର ପ୍ୟାକିଂ କାର୍ଯ୍ୟ ଗତ ମାର୍ଚ୍ଚ ମାସରେ ଆରମ୍ଭ କରାଯାଇଥିଲା । ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କାର୍ଯ୍ୟ ୨ମାସ ନ ପୂରୁଣୁ ଖସିଯାଇ ନଦୀରେ ମିଶିଗଲା । କାର୍ଯ୍ୟ ଆରମ୍ଭ ବେଳେ ନିମ୍ନମାନର ହେବା ଦେଖି ଗ୍ରାମବାସୀ ଲୁଣାନଦୀ ଶଯ୍ୟାରେ କଂକ୍ରିଟ ୱାଲ୍ କରାଯାଇ ତା' ଉପରେ ପଥର ପ୍ୟାକିଂ, ଡ୍ରପିଂ ଓ ବେସ୍ ତିଆରି ପାଇଁ ଦାବି କରିଥିଲେ । ମାତ୍ର ବିଭାଗୀୟ ଅଧିକାରୀ ଲୋକଙ୍କ ଦାବି ପ୍ରତି ଧ୍ୟାନ ନ ଦେଇ କାମ କରିବାରୁ ତଟବନ୍ଧର ଅବସ୍ଥା ଏବେ ଶୋଚନୀୟ ହେବାରେ ଲାଗିଛି।

ଜନସାଧାରଣଙ୍କ ଧନ ଓ ଜୀବନକୁ ସୁରକ୍ଷା ଦେବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ତଟବନ୍ଧ କାର୍ଯ୍ୟ ନିମନ୍ତେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦ କରାଯାଉଛି । ତଟବନ୍ଧ ଦୁର୍ବଳ ସ୍ଥାନକୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ ପଥର ପ୍ୟାକିଂ, ସ୍ପର, ବନ୍ଧକୁ ପ୍ରଶସ୍ତୀକରଣ ଆଦି କାର୍ଯ୍ୟ କରାଯାଉଛି । କିନ୍ତୁ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ଏସମସ୍ତ କାର୍ଯ୍ୟ ଠିକ୍ ହେବା ପରିବର୍ତ୍ତେ ଅତି ନିମ୍ନମାନର ହୋଇଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ବେହେରା କହିଛନ୍ତି, ନଦୀର ଟର୍ନିଂ ପଏଣ୍ଟରେ ସବୁବେଳେ ବିପଦ ରହିଥାଏ । ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି । ସ୍ଥାନୀୟ ବିଧାୟକ ମଧ୍ୟ ଦେଖି ଯାଇଛନ୍ତି । କାର୍ଯ୍ୟର ଏଷ୍ଟିମେଟ୍ର ଅନୁମୋଦନ ମିଳିଲେ ଯାହାକିଛି ପଦକ୍ଷେପ ନିଆଯିବ । ତେବେ ପ୍ରଭାତୀ ପଞ୍ଚାୟତ ତଟବନ୍ଧରେ ସମ୍ପୂର୍ଣ୍ଣ କଂକ୍ରିଟ ୱାଲ୍ ତିଆରି ପାଇଁ ପ୍ରଶାସନ ପଦକ୍ଷେପ ନେବା ସହିତ ଧସିଥିବା ସ୍ଥାନରେ ବାଲି ବସ୍ତା ଲଗାଯିବା ଜରୁରୀ ବୋଲି ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ସଂକ୍ଷେପରେ

### ୧୩ ଉଚ୍ଚ ବିଦ୍ୟାଳୟରେ ଯୋଗଦେଲେ ନୂତନ ପ୍ରଧାନଶିକ୍ଷକ

ଆଳି,୧୭।୯(ଡି.ଏନ.ଏ.):କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେବ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଥିଲା । ବରିଷ୍ଠ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ସେମାନଙ୍କ ପଦୋନ୍ନତିକୁ ମଧ ଅପେକ୍ଷା କରିଥିଲେ । ଇତିମଧରେ ଆଳି ବ୍ଲକ ରେ ୧୫ଜଣ ବରିଷ୍ଠ ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସରକାର ସିନିୟର୍ ଏସ୍ଇଏସ୍ ଭାବେ ପଦୋନ୍ନତି ଦେଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ୧୫ ଜଣଙ୍କ ମଧରୁ ୧୩ ଜଣ ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗ ଦେଇଥିବା ବେଳେ ୨ଜଣ ଏ ପର୍ଯ୍ୟନ୍ତ ଯୋଗ ଦେଇ ନ ଥିବା ଜଣାପଡିଛି । ଆଳି ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦେବରାଜ ନାୟକ ଯୋଗ ଦେଇଥିବା ବେଳେ ସହିରା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଆନନ୍ଦ ଚନ୍ଦ୍ର ମହାପାତ୍ର, ପତ୍ରପୁର ଏସ୍.କେ.ସି ହାଇସ୍କୁଲରେ ଆରାଧନା ଦାଶ, ବାଟିପଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ମନୋରଞ୍ଜନ ଜେନା, ଚନ୍ଦନନଗର ସରକାରୀ ୟୁଜି ହାଇସ୍କୁଲରେ ଦିଲୀପ କୁମାର ସାହୁ, ନମୋଜା ଉଚ୍ଚ ବିଦ୍ୟାଳୟରେ ଡମ୍ବରୁଧର ସାହୁ, କୁସୁମୀ ଜନକଲ୍ୟାଣ ଉଚ୍ଚବିଦ୍ୟାଳୟରେ ଅଲେଖ ଚନ୍ଦ୍ର ମହାନ୍ତି, ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାଭବନରେ ସୁଭଦ୍ରା ଘଡ଼େଇ,ଅରଗଳ ନୃସିଂହ ଜୀଉ ଏଡିଏମ ଉଚ୍ଚ ବିଦ୍ୟାଳୟରେ ରାଜକୁମାର ଘଡ଼େଇ,ସଂସିଧା ଉଚ୍ଚବିଦ୍ୟାଳୟରେ ଲକ୍ଷ୍ମୀ ପ୍ରିୟା ବେହେରା,ମାହାରାକୁଳ ସାଧୁ ଚରଣ ଉଚ୍ଚ ବିଦ୍ୟାଳୟରେ ଗୀତାଞ୍ଜଳି ବେହେରା,ପାଳିମି ଜନତା ଉଚ୍ଚ ବିଦ୍ୟାଳୟରେ ଶୁଭସ୍ମିତା ବେହେରା,ମୋହନପୁର ଗଣେଶ୍ୱର ପୁର ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ସବିତା ବେହେରା ଯୋଗଦାନ କରିଛନ୍ତି । ସେହିପରି ଆଳି ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ରଙ୍କୁ ହିଞ୍ଜଳ ନୋଡାଲ ଉଚ୍ଚ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇ ସିଙ୍ଗିରି ଦହିସାହିର ଚକ୍ରଧର ଉଚ୍ଚ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଥିଲା । ସେ ସେହି ବିଦ୍ୟାଳୟରେ ଯୋଗଦାନ କରିଛନ୍ତି ।

### ସ୍କୁଲ ପରିଚାରିକାଙ୍କ ପରଲୋକ

ମାର୍ଶାଘାଇ,୧୭।୯(ଡି.ଏନ୍.ଏ.):ସ୍ଥାନୀୟ ଜୟଚନ୍ଦ୍ରପୁରସ୍ଥିତ ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ମହିଳା ପରିଚାରିକା କୁମାରୀ ସେବତୀ ରାଉତଙ୍କ ଗୁରୁବାର ରାତିରେ କଟକ ବଡ଼ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ସେ କିଛି ଦିନ ଧରି ଅସୁସ୍ଥ ରହି କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ୩୦ ବର୍ଷ ଧରି ସେ ଉକ୍ତ ବିଦ୍ୟାଳୟରେ କାମ କରି ଆସୁଥିଲେ । ଏହି ଖବର ଜଣାପଡିବା ପରେ ଅଧ୍ୟକ୍ଷ ଉମାକାନ୍ତ ଦାସଙ୍କ ଅଧକ୍ଷତା ସ୍କୁଲରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା ।

# କଦଳୀ ଭେଳାରେ ପୂଜା ପାଆନ୍ତି ମା'ମନସା

- ମାନସିକ ଧାରୀମାନେ ଟଙ୍କା ହାର ଅର୍ପଣ କରନ୍ତି
- ଦାନରେ ମିଳୁଥିବା ସମସ୍ତ ସାମଗ୍ରୀ ମା'ଙ୍କ ସହ ବିସର୍ଜନ ହୁଏ

**ମହାକାଳପଡ଼ା,୧୭।୯(ଡି.ଏନ.ଏ.)**

ସର୍ପ ଦଂଶନରୁ ରକ୍ଷା ପାଇଁ ବଙ୍ଗୀୟ ଲୋକମାନେ ଅଷ୍ଟନାଗ ମା' ମନସା ଦେବୀଙ୍କ ଚରଣରେ ଶରଣାପନ୍ନ ହୁଅନ୍ତି। ବିଶ୍ୱାସ ରହିଛି ମା'ମନସା ଦେବୀଙ୍କୁ ନଦୀରେ କଦଳୀ ଭେଳା କରି ପୂଜାର୍ଚ୍ଚନା କଲେ ପରିବାରରେ ବିପତ୍ତି ପଡ଼େ ନାହିଁ। ମା' ଙ୍କ ମସ୍ତକରେ ଅଷ୍ଟ ନାଗ ଧାରଣ କରିଥାନ୍ତି। ଏହି ଅଷ୍ଟ ନାଗ ମା' ମନସାଙ୍କ ୮ ଭାଇ ବୋଲି ଜନ ଶ୍ରୁତି ରହିଛି । ସେହି ୮ ଭାଇ ହେଲେ ବାସୁକି, ପଦ୍ମ, ମହା ପଦ୍ମ, ତକ୍ଷ, କୁଳିର, କର୍କଟ, ଶଙ୍ଖ ଓ ଅନନ୍ତ। ମାନସିକ ପୂରଣ ପାଇଁ ମା'ଙ୍କ ପାଖରେ ବିଭିନ୍ନ ଫଳ, ଫୁଲ, ଚିନିରେ ପ୍ରସ୍ତୁତରେ ବାତସା ଭୋଗ ଲାଗି ହୋଇଥାଏ । ମା'ଙ୍କ ଗଳାରେ ମାନସିକ ପୂରଣ ପାଇଁ ଟଙ୍କା ମାଳ ପରିଧାନ କରାଯାଏ । ଏହି ପୂଜା କନ୍ୟା ସଂକ୍ରାନ୍ତିରେ ଆରମ୍ଭ ହୋଇ ୩ ଦିନ ପର୍ଯ୍ୟନ୍ତ ଚାଲେ । ବିସର୍ଜନ ପର୍ବରେ କଦଳୀ ଭେଳାରେ ଭୋଗ ନୈବେଦ୍ୟ ଅର୍ପଣ କରି ମା'ଙ୍କୁ ନଦୀରେ ଭସାଇ ଦିଆଯାଇଥାଏ । ମା' ବଙ୍ଗୀୟ ପରମ୍ପରା ଅନୁସାରେ ପୂଜା ପାଆନ୍ତି ବୋଲି ଆୟୋଜକ କହିଛନ୍ତି ।


ରାମଚଣ୍ଡୀ ଗଳିଆ ନଦୀରେ ମା'ମନସା ଦେବୀଙ୍କ ପୂଜାର୍ଚ୍ଚନା କରାଯାଉଛି ।

ସ୍ଥାନୀୟ ବତୀଘର ଦକ୍ଷିଣ ଖୋଳା ନଦୀ, ହରିଆବାଙ୍କ ଗଳିଆ ନଦୀ, ବଉଳ କଣି ଆମ୍ବବେଲାରୀ ନିକଟ ନଦୀରେ ମା'ମନସା ପୂଜା ଅନୁଷ୍ଠିତ ହୋଇଯାଇଛି। ସେହିପରି ପେଟଛେଲା ହବାଳି ପାହିସ୍ଥିତ ରାମଚଣ୍ଡୀ ଗଳିଆ ନଦୀରେ ୧୮ତମ ବାର୍ଷିକ ମା'ମନସା ଦେବୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଏହି ଅବସରରେ ୩ ଦିନ ଧରି ମେଳା ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ଆୟୋଜକ କହିଛନ୍ତି। ଏହି ପୂଜାକୁ ଦେଖିବା ପାଇଁ ପଡ଼ୋଶୀ ପାରାଦୀପ, କୁଜଙ୍ଗ, ରାଜନଗର, ପଟ୍ଟାମୁଣ୍ଡାଇ ଆଦି ଅଞ୍ଚଳରୁ ବହୁ ମାନସିକଧାରୀଙ୍କ ଭିଡ଼ ଲାଗି ରହିଛି। ପେଟଛେଲା ପଞ୍ଚାୟତର ସ୍ଥାନୀୟ ବାସିନ୍ଦାମାନେ ପୂଜା ଆୟୋଜନ କରିଛନ୍ତି। ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବତୀଘର, ପେଟଛେଲା, ହରିଆବାଙ୍କ ଆଦି ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି ।

# ୧୦ମିନିଟ୍ ସଂଘର୍ଷ ପରେ କୁମ୍ଭୀର ମୁହଁରୁ ବର୍ତ୍ତିଲେ ଯୁବକ

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ନିମପୁର ଗ୍ରାମର ଶନିବାର ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ଯୁବକ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼କୁ ଏକ କୁମ୍ଭୀର କାମୁଡ଼ି ଧରି ନଦୀ ଭିତରକୁ ଟାଣି ନେବାକୁ ଉଦ୍ୟମ କରିଥିଲା । ହେଲେ ସମ୍ପୃକ୍ତ ଯୁବକ ସାହାସ ନ ହରାଇ ସେହି କୁମ୍ଭୀର ସହିତ ପ୍ରାୟ ୧୦ ମିନିଟ ସଂଘର୍ଷ କରିଥିଲେ। ଏପରି କି ପାଖରେ ଥିବା ଏକ କାଠ ଫାଳିଆରେ କୁମ୍ଭୀରକୁ ପିଟିବାରୁ ସେ ସମ୍ପୃକ୍ତ ଯୁବକଙ୍କ ଗୋଡ଼କୁ ଛାଡି ନଦୀ ଭିତରକୁ ଚାଲିଯାଇଥିଲା । ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ସମ୍ପୃକ୍ତ ଯୁବକ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ୍ ନିମପୁର ଗ୍ରାମର ବବ୍ରୁବାହନ ଭୂୟାଁ । ତାଙ୍କୁ ଗୁରୁତର ଅବସ୍ଥାରେ କେନ୍ଦ୍ରପଡ଼ା ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । କୁମ୍ଭୀର ଆକ୍ରମଣରେ ତାଙ୍କ ବାମ ଗୋଡର ଆଣ୍ଠୁ ତଳ ଓ ଉପରରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ଏସମ୍ପର୍କରେ ବବ୍ରୁବାହାନ କହିଛନ୍ତି, ଶନିବାର ସକାଳେ ସେ ବ୍ରାହ୍ମଣୀ ନଦୀ ପଠାକୁ ଶୌଚ ପାଇଁ ଯାଇଥିଲେ । ଏହି ସମୟରେ ପ୍ରାୟ ୬ ଫୁଟ ଲମ୍ବର କୁମ୍ଭୀର ତାଙ୍କ ଗୋଡ ପେଣ୍ଡାକୁ ହଠାତ୍ ଧରି ନେଇଥିଲା । କୁମ୍ଭୀରଠାରୁ ରକ୍ଷା ପାଇବା ପାଇଁ ବବ୍ରୁବାହନ ଉଦ୍ୟମ କରିଥିଲେ । ହେଲେ କୁମ୍ଭୀରଟି ତାଙ୍କୁ ନଦୀ ଭିତରକୁ ଟାଣି ନେବାକୁ ଚେଷ୍ଟା କରିଥିଲା । କୌଣସି ଉପାୟ ନ ପାଇଁ ସେ ନିକଟରେ ପଡିଥିବା ଏକ କାଠରେ କୁମ୍ଭୀରକୁ ପିଟି ଚାଲିଥିଲେ । ଶେଷରେ କୁମ୍ଭୀଟି ତାଙ୍କ ଗୋଡ଼କୁ ଛାଡି ନଦୀ ଭିତରକୁ ଚାଲି ଯାଇଥିଲା । ସୂଚନାଯୋଗ୍ୟ, ଗତ ୪ ମାସ ମଧ୍ୟରେ ଜିଲାର ୬ଟି ସ୍ଥାନରେ କୁମ୍ଭୀର ଆକ୍ରମଣ ଘଟଣା ଘଟିଥିବା ସୂଚନା ମିଳିଛି।


ଡାକ୍ତରଖାନାରେ ବବ୍ରୁବାହନ ଭୂୟାଁ ।

# ୧୯୮ ଭିନ୍ନକ୍ଷମଙ୍କୁ ଉପକରଣ ବଣ୍ଟନ


ଉପକରଣ ବଣ୍ଟନ ଶିବିରରେ ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ କରୁଛନ୍ତି ।

**କେନ୍ଦ୍ରାପଡ଼ା ଅଫିସ, ୧୭।୯**

କେନ୍ଦ୍ରାପଡ଼ା ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସହରର ଟାଉନହଲଠାରେ ଜିଲାର ମୋଟ ୧୯୮ ଜଣ ଭିନ୍ନକ୍ଷମଙ୍କୁ ଉପକରଣ ଶନିବାର ବଣ୍ଟନ କରାଯାଇଛି । ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ପୌରାଧ୍ୟକ୍ଷା ସରିତା ସାହୁ, ବିଡିଓ ଅଶୋକ କୁମାର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, ଏଡିପିଆରଓ ଅଶୋକ ବଳିଆର ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଏହି ଉପକରଣକୁ ବଣ୍ଟନ କରିଛନ୍ତି । ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ସାରା ଭାରତରେ ୭୩ଟି ସ୍ଥାନରେ ଭିନ୍ନକ୍ଷମଙ୍କୁ ବିଭିନ୍ନ ସାମଗ୍ରୀ ଶନିବାର ବଣ୍ଟନ କରାଯାଉଛି । ଓଡିଶାରେ ୭ଟି ମଧ୍ୟରେ କେନ୍ଦ୍ରାପଡା ଅନ୍ୟତମ । ସେଣ୍ଟର ଫର ରିହାବିଲିଟେଶନ ସର୍ଭିସେସ ଆଣ୍ଡ ରିସର୍ଚ୍ଚ(ସିଆରଏସ୍ଆର) ସହାୟତାରେ ପୂର୍ବରୁ ଚିହ୍ନଟ ହୋଇଥିବା ଭିନ୍ନକ୍ଷମଙ୍କୁ ୩ ଚକିଆ ସାଇକେଲ, ହୁଇଲ ଚେୟାର, ପ୍ରାଥୋସିସ, ଅର୍ଥୋସିସ, ସର୍ଜିକାଲ ସୁଜ, ବ୍ଲାଇଣ୍ଡ ଷ୍ଟିକ, ବ୍ରେଲି କିଟ ଆଦି ପ୍ରଦାନ କରାଯାଇଛି । ଭଦ୍ରକ ଜିଲା ସିଆରଏସ୍ଆର ନିର୍ଦ୍ଦେଶକ ଡ. ଭଗବାନ ପରିଡା କହିଛନ୍ତି, ଚଳିତ ଥର ଉପକରଣ ବଣ୍ଟନରେ ଅତ୍ୟାଧୁନିକ ଯନ୍ତ୍ର ଭିନ୍ନକ୍ଷମଙ୍କୁ ପ୍ରଦାନର ବ୍ୟବସ୍ଥା ଅଛି । ସ୍ମାର୍ଟ ଫୋନ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ବହୁ ଉପଯୋଗୀ ହେବ । ସେହିପରି ମାନସିକ ଭିନ୍ନକ୍ଷମ କିଟ୍ ଜୀବନପଥକୁ ସହଜ ଓ ସୁଗମ କରିବ । ସ୍ମାର୍ଟ କେନ ଷ୍ଟିକରେ ସେନସର ସୁବିଧା ଅଛି । ସେହିପରି ପ୍ରୋଗ୍ରାମିଂ ହିଅରିଂ ଏଡ ଶ୍ରୁତିବାଧିତଙ୍କ ପାଇଁ ରଖାଯାଇଛି । ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରୀୟଦର୍ଶନୀଙ୍କ ସହ ବିଭାଗୀୟ କର୍ମଚାରୀ ପରିଚାଳନା କରିଥିଲେ ।

# ତଟ ସଫା ରହିଲେ ସମୁଦ୍ର ସୁରକ୍ଷା ହେବ

**ସ୍ୱଚ୍ଛ ସାଗର କାର୍ଯ୍ୟକ୍ରମ, ଆନ୍ତର୍ଜାତିକ ତଟ ସୁରକ୍ଷା ଦିବସ**

**ପାରାଦୀପ,୧୭।୯(ସ୍ୱ.ପ୍ର.)**

କୋଷ୍ଟଗାର୍ଡର ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର, ପୁନିତ୍ ସାଗର କାର୍ଯ୍ୟକ୍ରମ ଓ ଆନ୍ତର୍ଜାତିକ ତଟ ସଫେଇ ଦିବସ ଏକାସାଙ୍ଗରେ ଶନିବାର ପାରାଦୀପ ସମୁଦ୍ର ବେଳାଭୂମିର କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମାନ ସମୟ ଓ ସ୍ଥାନରେ ପାରାଦୀପ ପୋର୍ଟ ଅଥରିଟିଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉତ୍ସବ ଅବସରରେ ତଟ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହି ଜାଗାରେ ଅଧଘଣ୍ଟା ପୂର୍ବରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ପାରାଦୀପ ପୌରପାଳିକା ପକ୍ଷରୁ ଆନ୍ତର୍ଜାତିକ ଉପକୂଳ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସରକାରୀ ସଂସ୍ଥାଗୁଡ଼ିକ ସହ ପାଖାପାଖି ୨୪ ସଙ୍ଗଠନ ଅଲଗା ଭାବେ ସାମିଲ ହୋଇଥିଲେ। ଏଥିରେ କଲେଜ ଓ ହାଇସ୍କୁଲ ଛାତ୍ରୀଛାତ୍ର, ଏକାଧିକ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ, ବନ୍ଦର ବ୍ୟବହାରକାରୀ ସଂସ୍ଥା, ଆର୍ଏସ୍ଏସ୍ ଓ ଏବିଭିପି କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଏନ୍‌ଜିଓ ସାମିଲ ହୋଇଥିଲେ। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସକାଳ ୬ଟାରେ ୬ଟି ସରକାରୀ ଓଡ଼ିଆ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଆନ୍ତର୍ଜାତିକ ତଟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରପାଳିକା ଓ କିଛି ଶିକ୍ଷସଂସ୍ଥାର କର୍ମଚାରୀ ସାମିଲ ହୋଇଥିଲେ। ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରା, ପୌରାଧକ୍ଷ ବସନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ସଫେଇ କାମ ଶେଷ ହେବାବେଳକୁ କୋଷ୍ଟଗାର୍ଡ କର୍ମଚାରୀ ଓ ଆଉ କିଛି ଇଂଲିଶ୍ ମିଡିୟମ ସ୍କୁଲ ପିଲା ଆସି ସେହି ସ୍ଥାନରେ ପହଞ୍ଚିଥିଲେ। ପ୍ରଥମ ମଞ୍ଚଠାରୁ ୧୦୦ ମିଟର ବ୍ୟବଧାନରେ ଆଉ ଗୋଟିଏ ମଞ୍ଚ କରାଯାଇ ଆନ୍ତର୍ଜାତିକ ତଟ ସଫେଇ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ସକାଳ ୮ଟାରେ ମୁଖ୍ୟ ଅତିଥି ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ପହଞ୍ଚିବା ପରେ ସଭା ଓ ସଫେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ହାରାନ୍ଧ କହିଥିଲେ, ତଟ ସଫା ରହିଲେ ସମୁଦ୍ର ସୁରକ୍ଷିତ ହେବ। ପୌରନିର୍ବାହୀ ଅଧିକାରୀ କାହ୍ନୁଚରଣ ଧିର କେବଳ କୋଷ୍ଟଗାର୍ଡ ସଭାରେ ଉପସ୍ଥିତ ଥିଲେ।



କୋଷ୍ଟଗାର୍ଡ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

## ୫୦ ମିଟର ଦୂରରେ କୁଢ଼କୁଢ଼ ଆବର୍ଜନା


ବେଳାଭୂମି ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର ପୃଥକ୍ ଭାବେ ତଟ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମାତ୍ର ଏସବୁ କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର କରାଯାଇଥିଲା । ବିଭିନ୍ନ ସଂସ୍ଥାର କର୍ମଚାରୀମାନେ କେବଳ ହାତରେ ପ୍ଲାଷ୍ଟିକ୍ ମୁଣି ଓ ଗ୍ଲୋଭସ୍ ପିନ୍ଧି ଫଟୋ ଉଠାଇବାରେ ବ୍ୟସ୍ତ ଥିବାବେଳେ ଛାତ୍ରୀଛାତ୍ର ସଫେଇ କରୁଥିବାରୁ ସେମାନଙ୍କୁ ନିଜ ପକ୍ଷକୁ ନେବାଲାଗି ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ବାଲିଯାତ୍ରା ପଡ଼ିଆର ଉତ୍ତର ପାର୍ଶ୍ୱ ହନୁମାନ ମନ୍ଦିର ପର୍ଯ୍ୟନ୍ତ ଏବଂ ଦକ୍ଷିଣ ପାର୍ଶ୍ୱ ଷଣ୍ଢକୁଦ ବସ୍ତି ପର୍ଯ୍ୟନ୍ତ ବେଳାଭୂମି ଏବଂ ଝାଉଁ ଜଙ୍ଗଲ ଭିତରେ କୁଢ଼ କୁଢ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳିଥିଲା। ତଟ ସଫେଇ କାର୍ଯ୍ୟକ୍ରମ ହୋଇଥିବା ସ୍ଥାନରେ ପାରାଦୀପ ପୌରପାଳିକା ସବୁଦିନ ଠିକାସଂସ୍ଥା ଜରିଆରେ ସଫେଇ କରିଥାଏ, ଯେଉଁଥିପାଇଁ ଉକ୍ତ ଅଞ୍ଚଳ ପ୍ରାୟତଃ ସ୍ୱଚ୍ଛ ରହିଥାଏ। ସେହି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କେବଳ ଲୋକଦେଖାଣିଆ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

### ନାମକୁ ତଟ ସଫେଇ କାର୍ଯ୍ୟକ୍ରମ

**ସଂକ୍ଷେପରେ**

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ସାଉଡ଼ିଆ ପଞ୍ଚାୟତ

**ଚଣ୍ଡିଖୋଲ,୧୭।୯(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆ ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ପଞ୍ଚାୟତରେ ୫ଟି କାମରେ ୫୯ ହଜାର ୯୪୦ ଟଙ୍କା କାର୍ଯ୍ୟ ନ କରି ହଡ଼ପ କରାଯାଇଥିବା ନେଇ ପଞ୍ଚାୟତବାସୀ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ନିକଟରେ ଅଭିଯୋଗ କରିବା ପରେ ବିଧାୟକ ଏହି ଅଭିଯୋଗପତ୍ରକୁ ଯାଜପୁର ଜିଲା ପରିଷଦର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଭାଗକୁ ପଠାଇ ଦେଇଛନ୍ତି। ଜିଲା ପରିଷଦ ନିର୍ବାହୀ ଅଧିକାରୀ ଏହାର ତଦନ୍ତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ବଡ଼ଚଣା ବିଡିଓଙ୍କୁ ମଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ୨୪।୫।୨୦୨୨ରୁ ୨୫।୬।୨୦୨୨ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ ୫ଟି କାର୍ଯ୍ୟ ହୋଇଥିବା ଦର୍ଶାଯାଇ ଉପରୋକ୍ତ ଟଙ୍କା ଖର୍ଚ୍ଚ ହୋଇଥିବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦର୍ଶାଇଛନ୍ତି, ଯାହାକି ସମ୍ପୂର୍ଣ୍ଣ ମିଥ୍ୟା। ସେହିପରି ପଞ୍ଚଦଶ ଅର୍ଥ କମିଶନ ଓ ପଞ୍ଚମ ରାଜ୍ୟ ଅର୍ଥ କମିଶନ ଜରିଆରେ ଦିଆଯାଇଥିବା ପ୍ରକଳ୍ପକୁ ଅନୁମୋଦନ ନ କରି ଏବଂ ବିନା ପଲ୍ଲିସଭା ଓ ଗ୍ରାମସଭାରେ କିପରି ଅନ୍ୟ ପ୍ରକଳ୍ପଗୁଡିକୁ ଅନୁମୋଦନ କରାଗଲା ସେ ନେଇ ତଦନ୍ତ କରିବାକୁ ଅନୁରୋଧ କରାଯାଇଛି। ପଞ୍ଚାୟତ ପକ୍ଷରୁ କ୍ଷେତ୍ରବାସୀ ପଣ୍ଡା, ସମର ମହାପାତ୍ର, ପ୍ରଭାକର ସାହୁଙ୍କ ସମେତ ବହୁ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏନେଇ ବିଡିଓ ଗିରି କହିଛନ୍ତି, ଅଭିଯୋଗ ପହଞ୍ଚିଛି। ଏହାର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

## ହାଇସ୍କୁଲର ୫-ଟି କାର୍ଯ୍ୟ ସମୀକ୍ଷା କଲେ ରାଜସ୍ୱମନ୍ତ୍ରୀ

**ସିଂହପୁର,୧୭।୯(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମର ଧ୍ରୁବଚରଣ ସାହୁ ଉଚ୍ଚ ବିଦ୍ୟାଳୟଟି ୫-ଟି ଅନୁଦାନରେ ରୂପାନ୍ତରିତ କାର୍ଯ୍ୟ ଆରମ୍ଭ ହୋଇଛି। ଏହିକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ବିଦ୍ୟାଳୟରେ ପହଞ୍ଚି ଏହାର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ କାର୍ଯ୍ୟର ଶୈଳୀ ଖସଡା ପ୍ରସ୍ତୁତ କରିବା ସହ କାର୍ଯ୍ୟକୁ ଉନ୍ନତମାନର କରିବା ପାଇଁ ଦିଗଦର୍ଶନ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜରି ସରପଞ୍ଚ ନନ୍ଦକିଶୋର ମଲିକ, ଯୁବନେତା କୈଳାସ ସେଠୀ, ପ୍ରଦ୍ୟୁମ୍ନ ପାତ୍ର, ପଞ୍ଚାୟତ ବିଜେଡି ସଭାପତି ଉମେଶ ଚନ୍ଦ୍ର ଦାସ, ପ୍ରମୋଦ ସାମଲ ଓ ସୁବ୍ରତ ସାମଲ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ସତ୍ୟଭୂଷଣ ବାରିକଙ୍କ ସମେତ ସମସ୍ତ ଶିକ୍ଷକ ଯୋଗ ଦେଇଥିଲେ।

# ବନ୍ୟା ଆମନ୍ତ୍ରଣ କରୁଛି ନିମ୍ନମାନର ବନ୍ଧ

**ଯାଜପୁର ଅଫିସ/ପ୍ରୀତିପୁର (ଡି.ଏନ.ଏ.),୧୭।୯**

- ଖରସ୍ରୋତା ବାମପାର୍ଶ୍ୱ ନଦୀବନ୍ଧ ନିର୍ମାଣରେ ଅନିୟମିତତା
- ପୂର୍ତ୍ତ ବିଭାଗର ମନମାନି କାର୍ଯ୍ୟ

ଯାଜପୁର ଜିଲାରେ ପ୍ରାୟ ପ୍ରତିବର୍ଷ ବନ୍ୟା ନଦୀବନ୍ଧ ନିର୍ମାଣ ଓ ତାହାର ପରିଚାଳନାର ଶୋଚନୀୟ ଅବସ୍ଥାକୁ ସୂଚାଉଛି। ଜିଲାରେ ପ୍ରବାହିତ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଏବଂ ତା'ର ଶାଖା ନଦୀରେ ବନ୍ୟା ନିୟନ୍ତ୍ରଣ ପାଇଁ ସରକାର ପ୍ରତିବର୍ଷ ବିପୁଳ ଟଙ୍କା ଖର୍ଚ୍ଚ କରି ବନ୍ଧବାଡ଼ ମରାମତି କରୁଛନ୍ତି, ହେଲେ ତାହା ଫଳପ୍ରଦ ହେଉନାହିଁ। ନିମ୍ନମାନର କାର୍ଯ୍ୟ ଯୋଗୁ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇ ବନ୍ୟା ପରିସ୍ଥିତି ଉପୁଜୁଛି, ଯାହାର ଉଦାହରଣ ଦେଖିବାକୁ ମିଳୁଛି ବିଞ୍ଝାରପୁର ବ୍ଲକ ଅଧୀନ ଖରସ୍ରୋତା ନଦୀର ବାମପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ। ନାବାର୍ଡ ସହାୟତାରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ନିର୍ମାଣାଧୀନ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବାରୁ ଅସରାଏ ବର୍ଷାରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ତେଣୁ ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ଦାବି କରିଛନ୍ତି।

ଜିଲାରେ ୪୦୦ରୁ ଉର୍ଦ୍ଧ୍ୱ କିଲୋମିଟର ବନ୍ଧବାଡ଼ ରହିଛି। ଏହାର ସୁଦୃଢ଼ୀକରଣ ପାଇଁ ସ୍ୱତନ୍ତ୍ର ରିଲିଫ କମିଶନ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନୁଦାନ ବିନିଯୋଗ ହେଉଛି। ହେଲେ ସ୍ଥାୟୀ ପ୍ରତିକାର ଦିଗରେ ଆଦୌ ଆନ୍ତରିକତା ଥିବା ମନେ ହେଉନାହିଁ। ବନ୍ଧବାଡ଼ରେ ଠିକାଦାରି ରାଜନୀତି ଯୋଗୁ ଲକ୍ଷାଧିକ ଲୋକଙ୍କ ଧନଜୀବନ ସହ ଖେଳାଯାଉଛି ବୋଲି ମତପ୍ରକାଶ ପାଇଛି। ଏଷ୍ଟିମେଟ ଅନୁସାରେ କାମ ନ ହୋଇ ନିମ୍ନମାନର ମରାମତି କରାଯାଇ ବନ୍ଧବାଡ଼କୁ ଛାଡ଼ି ଦିଆଯାଉଛି। ଫଳରେ ପ୍ରତିବର୍ଷ ଘାଇ ସୃଷ୍ଟି ହୋଇ ବନ୍ୟା ଜଳ ଜନଜୀବନକୁ ବିପନ୍ନ କରୁଛି। ଏସବୁ ବେଆଇନ କାର୍ଯ୍ୟକୁ ଅକୁଣ୍ଠରେ ନେତା, ଜନପ୍ରତିନିଧି ସମର୍ଥନ ଦେଇ ନିଜର ଚେଲା ସମର୍ଥକଙ୍କୁ ଠିକାଦାର ଭାବରେ ନିଯୁକ୍ତ କରାଉଛନ୍ତି। ସାଧାରଣ ଜନତା ବାରମ୍ବାର ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଥିଲେ ହେଁ କିଛି ଲାଭ ମିଳୁନାହିଁ। ଏହିସବୁ କାରଣ ଯୋଗୁ ୨୦୨୦ ଅଗଷ୍ଟ ବନ୍ୟାରେ ନଦୀବନ୍ଧଗୁଡ଼ିକରେ ୨୫ ଘାଇ ସୃଷ୍ଟି ହୋଇଥିଲା। ଏହାର ମରାମତି ପାଇଁ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସେତେବେଳେ ବ୍ୟୟ ଅଟକଳ ହୋଇଥିଲା। ତଥାପି ଏହି ୨ ବର୍ଷ ମଧ୍ୟରେ ବର୍ଷା ପରିମାଣ ସେତେଟା ଅଧିକ ହୋଇ ନ ଥିଲେ ହେଁ ଘାଇ ସୃଷ୍ଟି ବନ୍ଦ ହୋଇନାହିଁ। ଏହିକ୍ରମରେ ବର୍ତ୍ତମାନ ଖରସ୍ରୋତା ନଦୀର ବାମାପାର୍ଶ୍ୱ ନଦୀବନ୍ଧ ନିର୍ମାଣ ଓ ଘାଇ ମରାମତି କାର୍ଯ୍ୟକୁ ଲୋକେ ଗମ୍ଭୀର ଭାବେ ନେଇଛନ୍ତି। ଏଥିରେ ବ୍ୟବହୃତ ମାଟି ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସାମାନ୍ୟ ବର୍ଷାରେ ଧୋଇଯାଉଥିବା ଦେଖାଯାଇଛି। ବନ୍ଧ ନିକଟରୁ ମାଟି ନ ଉଠାଇ ଦୂରରୁ ମାଟି ଆଣିବାକୁ ନିୟମ ଥିଲେ ସୁଦ୍ଧା ଏଠାରେ ତାହା କାର୍ଯ୍ୟକାରୀ ହେଉନାହିଁ। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ବନ୍ୟା ଆସିଲେ ଉକ୍ତ ନଦୀ କୂଳରେ ଅବସ୍ଥିତ ବିଞ୍ଝାରପୁର, ସଇଦପୁର, କଲ୍ୟାଣପୁର, ଘଣ୍ଟିଆଳି, ଗୁହାଳୀ, ଫତେପୁର, ବାଛଳ, କଏଣା ରଘୁନାଥପୁର, ମାସଡ଼ା ଓଳେଇ, ଚନ୍ଦନପୁର, ସିଂହପୁର, ଜରୀ ଆଦି ପଞ୍ଚାୟତର ଜନସାଧାରଣ ଆଶଙ୍କା ମଧ୍ୟରେ କାଳାତିପାତ କରିଥାନ୍ତି। ସୁଆର ଗ୍ରାମଠାରୁ ବଗମରା ଘାଟ ପର୍ଯ୍ୟନ୍ତ ବାମପାର୍ଶ୍ୱ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ପାଇଁ ୨୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ସୂଚନା ମିଳିଛି। ଏଥିରେ ୮.୫ ମିଟର ଚଉଡା ବନ୍ଧ ନିର୍ମାଣ କରାଯିବା ସହିତ ଏହା ଉପରେ ୫.୫ ମିଟରର ପିଚୁ ରାସ୍ତା ନିର୍ମାଣ କରାଯିବ। କିନ୍ତୁ ଲାଭଖୋର ମନୋବୃତ୍ତି ଯୋଗୁ ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖାଯାଇଛି। ସାମାଜିକ କର୍ମୀ ଭୁବନାନନ୍ଦ ସାମଲ, ସନାତନ ସାହୁ, ବଳରାମ ବଳ ପ୍ରମୁଖ କାର୍ଯ୍ୟର ତଦନ୍ତ କରିବା ସହ ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଉକ୍ତ ବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟରେ ସୂଚନା ଫଳକ ଲଗାଇ ସ୍ୱଚ୍ଛତା ବଜାୟ ରଖିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ବିଞ୍ଝାରପୁର ସେକ୍ସନ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ ଶେଖର ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ନିୟମିତ ଭାବେ କାର୍ଯ୍ୟର ତଦାରଖ ହେଉଛି। ଏଷ୍ଟିମେଟ ଅନୁସାରେ କାମ ହେଉଛି। ଏଥିରେ ଅନିୟମିତତା ହେଉଥିବା ଭଳି କୌଣସି ଅଭିଯୋଗ ନାହିଁ।



ନଦୀବନ୍ଧରେ ଫାଟ ସୃଷ୍ଟି ହୋଇଛି।

# ପୂଜା ପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା



ସିଂହପୁର ବଜାରର ମିନିବସ ଆସୋସିଏଶନ ପକ୍ଷରୁ ପୂଜା ପାଉଥିବା ବିଶ୍ୱକର୍ମା।



ପାଣିକୋଇଲିରେ ବିଶ୍ୱକର୍ମା ପୂଜା।



ଝୁମ୍ପୁରୀରେ ପୂଜା ପାଉଥିବା ବିଶ୍ୱକର୍ମା।

**ଝୁମ୍ପୁରୀ,୧୭।୯(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ୍ ଅଞ୍ଚଳରେ ବିଶ୍ୱକର୍ମାଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ବ୍ଲକ୍‌ର ବିଭିନ୍ନ ବଜାର ସମେତ ଗାଁ ଗଣ୍ଡାରେ ଏହି ପୂଜା ଉପଲକ୍ଷେ ବ୍ୟାପକ ଆୟୋଜନ କରାଯାଇଥିବା ଦେଖାଯାଇଛି। ଦଶରଥପୁର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ କଣ୍ଟିପଡ଼ିଆ ବିଦ୍ୟୁତ୍ ବିଭାଗ ଷ୍ଟୋର୍‌ରେ ଖୁବ୍ ଜାକଜମକରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଛି। ପୂଜାରେ ବିଭାଗ ନିର୍ବାହୀ ଯନ୍ତ୍ରୀ ଗୌରହରି ମଣ୍ଡଳ, ସହକାରୀ ଯନ୍ତ୍ରୀ ବ୍ରଜକିଶୋର ଧଳ, କନିଷ୍ଠ ଯନ୍ତ୍ରୀ ଶଙ୍କର ପାଣିଗ୍ରାହୀ, ଲାଇନ ମ୍ୟାନ୍ ଅମିରୁଦ୍ଦିନ୍ ଖାନଙ୍କ ସହ ବିଭାଗର କର୍ମଚାରୀ କେଦାରେଶ୍ୱର ସାମଲ, ବିଶ୍ୱେଶ୍ୱର ସାମଲ, ଅନୀଲ ସାହୁ, ମାନସ କୁମାର ସେଠୀ, ଦୁଃଶାସନ ଦାସ ପ୍ରମୁଖ ସାମିଲ ହୋଇ ପୂଜାର୍ଚ୍ଚନା କରିଛନ୍ତି। ଏଥିସହ ବିଦ୍ୟୁତ୍ ବିଭାଗର ରାମବାଗ, ଅହିୟାସ, ମଙ୍ଗଳପୁରସ୍ଥ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ମଙ୍ଗଳପୁର ସୁବ୍ରତା ଆଇଟିଆଇ, ଝୁମ୍ପୁରୀ ବଜାର ସାହୁ ଇଟା ଫ୍ୟାକ୍ଟ୍ରି ସମେତ ବିଭିନ୍ନ ବଜାରର ଗ୍ୟାରେଜ୍, ମୋବାଇଲ ଦୋକାନ, ସୁନା ଦୋକାନ, ଯନ୍ତ୍ରାଂଶ ମରାମତି ଦୋକାନ, ଇଲେକ୍ଟ୍ରିକ୍ ଦୋକାନ, ଟେଲର, ୱେଲଡିଂ ପ୍ରତିଷ୍ଠାନଗୁଡ଼ିକରେ ଏହି ପୂଜା ପାଳନ କରାଯାଇଛି।

**ପାଣିକୋଇଲି,(ଡି.ଏନ.ଏ.):** ଗାଁଠୁ ସହର ସବୁଠି ଶନିବାର ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବିଭିନ୍ନ ପୂଜା ମଣ୍ଡପ, ଗ୍ୟାରେଜ ଓ ସରକାରୀ ବେସରକାରୀ ଅନୁଷ୍ଠାନରେ ପୂଜା ମହାସମାରୋହରେ ପାଳିତ ହେଉଛି। ପାଣିକୋଇଲି ମା' ତାରିଣୀ ଟ୍ୟାକ୍ସି ଓ ପିକଅପ ଆସୋସିଏଶନ, ପାଣିକୋଇଲି ଟ୍ରକ ମାଲିକ ସଂଘ, ମା' ତାରିଣୀ ଟ୍ରେକର ଅଣ୍ଡ ବସ ଆସୋସିଏଶନ, କୃପାଳୁ ରାଇସ ଇଣ୍ଡଷ୍ଟ୍ରିଜ, ଆଶୀର୍ବାଦ ଆଗ୍ରୋ ପଡକ୍ଟ, ଯାଜପୁର ଡିଜିଟାଲ କେବଲ ଟିଭି ଓ ବ୍ରଡବ୍ରାଣ୍ଡ, ବେହେରା ରୋଡ ୱେଜ ସମେତ ବିଭିନ୍ନ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ତୋରଣ, ରଙ୍ଗୀନ ସାଜସଜ୍ଜା ଓ ସଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସନ୍ଧ୍ୟା, ନାମ ଯଜ୍ଞ ଏବଂ ପ୍ରସାଦ ସେବନ ଆଦି ଚାଲୁ ରହିଛି।

**ସିଂହପୁର,(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ସିଂହପୁର ବଜାରର ମିନିବସ ଆସୋସିଏଶନ ପକ୍ଷରୁ ମହାସମାରୋହରେ ପୂଜା ପାଳିତ ହେଉଛି। ସେହିପରି ବିଭିନ୍ନ ବ୍ୟବସାୟୀ ଅନୁଷ୍ଠାନ, କଳକାରଖାନା, ଗ୍ୟାରେଜଗୁଡ଼ିକରେ ପୂଜା ପାଳିତ ହୋଇଛି। ମିନିବସ ଅଟୋ ଆସୋସିଏସନ ପକ୍ଷରୁ ଡ୍ରାଇଭର ସଂଘର ସଦସ୍ୟମାନେ ପୂଜା କାର୍ଯ୍ୟ ସଞ୍ଚାଳନ କରିଥିଲେ। କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି।

## ଅରତିଆ-କୁସୁନପୁରରେ ବନଦୁର୍ଗା ପୂଜା ଆରମ୍ଭ

**ରସୁଲପୁର, ୧୭।୯ (ଡି.ଏନ.ଏ.)**



ରସୁଲପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତ ଅରତିଆ-କୁସୁନପୁର ଗ୍ରାମରେ ବନଦୁର୍ଗା ପୂଜା ଶନିବାର ସନ୍ଧ୍ୟାରୁ ଆରମ୍ଭ ହୋଇଛି। ଏଥିସହିତ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଷୋଡ଼ଶ ଦିବସୀୟ ପୂଜା ଆରମ୍ଭ ହୋଇଛି। ଏହି ପୂଜାରୁ ଦୁର୍ଗାପୂଜାର ଅୟମଆରମ୍ଭ ଓ ପ୍ରସ୍ତୁତି ବୋଲି ଧରି ନିଆଯାଏ। ଶତାଧିକ ବର୍ଷଧରି ଏଠାରେ ପାଳନ ହେଉଥିବା ବନଦୁର୍ଗା ପୂଜା ଅବସରରେ ଷଷ୍ଠୀରେ ଅଧିବାସ ଓ ସପ୍ତମୀରେ କଳସ ଶୋଭାଯାତ୍ରା ଓ ଅଷ୍ଟମୀ ପୂଜା ହୋମ କରାଯାଇଛି। ପ୍ରାରମ୍ଭରେ କୁଣ୍ଡମଣ୍ଡଳ ଶୁଦ୍ଧୀକରଣ କରାଯାଇ ପ୍ରତ୍ୟେକ ଦିବସରେ ମା'ଙ୍କ ନିକଟରେ ଷୋଢଶ ଉପଚାର ପୂଜା, ସୂର୍ଯ୍ୟପୂଜା, ଗୋ-ପୂଜା, ହୋମ, ଚଣ୍ଡିପାଠ ଆଦି ପୂଜା କରାଯାଉଛି। ପ୍ରତ୍ୟେହ ମା'ଙ୍କ ନିକଟରେ ୧୦୦୮ ଘୃତ ଆହୁତି ପ୍ରଦାନ କରାଯିବା ସହ ସକାଳ ଓ ସନ୍ଧ୍ୟାରେ ଆରତୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ମୁଖ୍ୟ ପଣ୍ଡିତ ନିରଞ୍ଜନ କର ସୂଚନା ଦେଇଛନ୍ତି। ରତ୍ନାକର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପୂଜା ୩ଦିନ ଚାଲିବ। ରବିବାର ମା'ଙ୍କ ନିକଟରେ ନବମୀ ପୂଜା ଅନୁଷ୍ଠିତ ହେବା ସହ ଦଶମୀ ରାତିରେ ମା'ଙ୍କ ବିସର୍ଜନ କରାଯିବ। ପୂଜା ପରିଚାଳନା କମିଟି ତରଫରୁ ମା'ଙ୍କ ନିକଟରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପୂଜା ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିବା ପରିଲକ୍ଷିତ ହେଉଛି। କମିଟି ସଦସ୍ୟମାନେ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ସହାୟତା ପ୍ରଦାନ କରୁଛନ୍ତି।

# କୁକୁଡ଼ାଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ

**ଧର୍ମଶାଳା,୧୭।୯(ଡି.ଏନ.ଏ.)**

ଧର୍ମଶାଳା ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଚଳିତ ବର୍ଷ କୁକୁଡା ଚାଷ ପାଇଁ ୪୦ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଶନିବାର ସେମାନଙ୍କ ମଧ୍ୟରୁ ୨୩ଜଣ ପଞ୍ଜୀକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଧର୍ମଶାଳା ପ୍ରାଣୀଧନ ଚିକିତ୍ସାଳୟ ପରିସରରେ ପଞ୍ଜୀକୃତ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ ଉତ୍ସବରେ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ସେଠୀ ଅଧ୍ୟକ୍ଷତା କରିଥିଲେ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କୁକୁଡ଼ା ଚାଷ ମାଧ୍ୟମରେ ବେକାର ଯୁବକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଷ୍ଟେଟ ପ୍ଲାନ ସ୍କିମରେ ୪୦ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମ ଦଫାରେ ୨୩ ଚାଷୀଙ୍କୁ ତାଲିମ ଦିଆଯାଇ ୫ଶହ କୁକୁଡା ଚାଷ ପାଇଁ ଜଣକା ୧ ଲକ୍ଷ ୮୦ ହଜାର ଟଙ୍କା ଋଣ ଆକାରରେ ପ୍ରଦାନ କରାଯିବ। ଏହି ଋଣ ପରିମାଣରେ ଚାଷୀଙ୍କ ପାଇଁ ୪୦ ଭାଗ ବା ୭୨ ହଜାର ଟଙ୍କା ସବସିଡ ରହିଛି। ପ୍ରମାଣ ପତ୍ର ନେଇଥିବା ଚାଷୀ ହେଲେ କୋତପୁରର ହରିହର ସାମଲ, ବିଷ୍ଣୁ ଚରଣ ସାମଲ, ଅରାବଳର ଉତ୍କଳ କେଶରୀ ସାମଲ, ଇମାମନଗରର ଅନ୍ତର୍ଯ୍ୟାମୀ ପାଳ, ବୃନ୍ଦାଦେଇପୁରର ପ୍ରମୋଦ କୁମାର ବସ୍ତିଆ ଓ ସମ୍ପାରୁ ଗ୍ରାମର ଲଲାଟେନ୍ଦୁ ଖୁଣ୍ଟିଆ ପ୍ରମୁଖ। କୁକୁଡା ଚାଷୀ ଚିହ୍ନଟ ପ୍ରକ୍ରିୟାରେ ଅତିରିକ୍ତ ପ୍ରାଣୀଧନ ଡାକ୍ତର ସୁବାସ ଚନ୍ଦ୍ର ଜେନା, ଡା. ଦୀପ୍ତିମୟୀ ସାହୁ ପ୍ରମୁଖ ସହାୟତା କରିଥିଲେ। କୁକୁଡା ଚାଷୀମାନେ ଋଣକୁ ଠିକ ଭାବେ ବ୍ୟବହାର କଲେ ସେମାନେ ଉପକୃତ ହୋଇପାରିବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।




କୁକୁଡ଼ାଚାଷୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

# ନାରୀ ସମାଜର ହିତ ସାଧନ ପାଇଁ ସର୍ବଦା ପ୍ରୟନ୍ତ୍




ମହିଳା ଆଇନ ସଚେତନତା ଶିବିରରେ ମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

**ଯାଜପୁର ଟାଉନ,୧୭।୯(ଡି.ଏନ.ଏ.)**

**ରାଜ୍ୟ ମହିଳା ଆୟୋଗଙ୍କ ପକ୍ଷରୁ ଆଇନ ସଚେତନତା ଶିବିର**

ରାଜ୍ୟ ମହିଳା ଆୟୋଗଙ୍କ ଦ୍ୱାରା ମହିଳାଙ୍କ ପାଇଁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଶନିବାର ଯାଜପୁର ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥିଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇଥିଲେ। ଏହି ଅବସରରେ ସେ କହିଥିଲେ, ନାରୀ ସମାଜର ହିତ ସାଧନ ପାଇଁ ସର୍ବଦା ପ୍ରୟନ୍ତ୍। ସେମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ଦିଗରେ ସରକାର ସଚେତନ ଅଛନ୍ତି। ୧୯୯୩ ମସିହା ପରଠାରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ରାଜ୍ୟ ମହିଳା କମିଶନ ଗଠନ ହେବାପରେ ମହିଳାଙ୍କ ସ୍ଥିତିରେ ଉନ୍ନତି ଘଟିଛି। ମହିଳା ମାନେ ଆଜି ସଚେତନ ହୋଇଛନ୍ତି। ସେମାନଙ୍କୁ ସମ୍ମାନର ସହ ବଞ୍ଚିବା ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେଣୁ ଛୋଟ ଛୋଟ କଥାରେ ଥାନା, କୋର୍ଟ କଚେରି ନ ଯାଇ ଆଇନକୁ ଠିକ ଭାବରେ ବୁଝି ଉଚିତ ମାର୍ଗରେ କାର୍ଯ୍ୟ କରିବା ଏହି ଶିବିରର ଆଭିମୁଖ୍ୟ ବୋଲି ସେ ପ୍ରକାଶ କରିଥିଲେ। ଅତିଥିଭାବେ ରାଜ୍ୟ ମହିଳା ଆୟୋଗ ସଦସ୍ୟା ସ୍ୱର୍ଣ୍ଣଲତା ସାମଲ, ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଯେନା ଯୋଗଦେଇ ଘରୋଇ ହିଂସା, କର୍ମ କ୍ଷେତ୍ରରେ ସୁରକ୍ଷା, ଯୌନ ନିର୍ଯାତନା ଆଦି ଆଇନଗତ ସଚେତନତା ସୃଷ୍ଟି କରି ସମାଜରେ ଏକ ସୁସ୍ଥ ପରିବେଶ ଆଣିବା ଏହି ଶିବିରର ଆଭିମୁଖ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସରୋଜ କୁମାର ଉପାଧ୍ୟାୟ ମହିଳା ଯେ କୌଣସି ସମସ୍ୟା ପାଇଁ ନିର୍ଭୟରେ ଓ ନିଃସଙ୍କୋଚରେ ଥାନାରେ ଜଣାଇବାକୁ ନିବେଦନ କରିଥିଲେ। ପ୍ରାରମ୍ଭରେ ସହକାରୀ ଜିଲାପାଳ ତିଳୋତ୍ତମା ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଶେଷରେ କୋଭିଡ ମହାମାରୀ ସମୟରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ଏବଂ ମହିଳା କମିଶନ ପକ୍ଷରୁ ଆଶା, ଅଙ୍ଗନୱାଡି, ପୋଲିସ, ମହିଳା ଓକିଲ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଧାର ଗୃହର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ଆୟୋଗ ପରାମର୍ଶଦାତା ଡ. ଟୁନା ସାହୁ, ସହକାରୀ ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ଆଶା, ଅଙ୍ଗନୱାଡି, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଓ ମହିଳା ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସଂକ୍ଷେପରେ

### କୂପରୁ ବୋଡ଼ା ସାପ ଉଦ୍ଧାର



**ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର.):** ଖଣ୍ଡପଡା ସହର ୬ନଂ. ୱାର୍ଡ ବାସିନ୍ଦା ଲଡୁ କିଶୋର ସିଂହ ସାମନ୍ତଙ୍କ ଘର ପଛପାଖ କୂପରେ ଗୁରୁବାର ରାତିରେ ଖସି ପଡିଥିବା ସାଢେ ୫ଫୁଟ ଲମ୍ୱର ଏକ ବୋଡା ସାପକୁ ଉଦ୍ଧାର କରାଯାଇଛି । ରାତିରେ ସାପଟି ବୁଲୁଥିବା ବେଳେ କୂପରେ ଖସି ପଡିଥିବା ଅନୁମାନ କରାଯାଉଛି । ସ୍ଥାନୀୟ ବାସିନ୍ଦା କୂପ ମଧ୍ୟରୁ ସାପଟିକୁ ଉଦ୍ଧାର କରିଥିବା ଜଣାପଡିଛି ।

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଖଣ୍ଡପଡ଼ା,୧୭।୯(ସ୍ୱ.ପ୍ର.):** ଖଣ୍ଡପଡ଼ା ଏନ୍ଏସି ୨ନଂ. ୱାର୍ଡର ବାସିନ୍ଦା ତଥା ଖଣ୍ଡପଡ଼ା ସାମନ୍ତଚନ୍ଦ୍ର ଶେଖର ମୁଦ୍ରାଣାଳୟର ଅବସରପ୍ରାପ୍ତ କର୍ମଚାରୀ ମଧୁସୁଦନ ତ୍ରିପାଠୀ(୬୫)ଙ୍କ ପରଲୋକ ହୋଇଯାଇଛି। ସେ କର୍କଟ ରୋଗରେ ଦୀର୍ଘ ଦିନ ହେଲା ପୀଡିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ତାଙ୍କର ଜନ୍ମ ସ୍ଥାନ କଣ୍ଟିଲୋ ପଞ୍ଚାୟତ ଅଧୀନ ହରିସୁବୁଦ୍ଧିପାଟଣା ଗ୍ରାମରେ ବୋଲି ସୂଚନା ମିଳିଛି ।

### ଲଡୁବାବାଙ୍କ ପୀଠରେ ମା'ପାର୍ବତୀଙ୍କ ଷୋଳ ପୂଜା ଆରମ୍ଭ

ନୟାଗଡ଼ ଅଫିସ,୧୭।୯: ମୂଳାଷ୍ଟମୀ ଅବସରରେ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କଙ୍କ ପାର୍ଶ୍ୱ ଦେବତା ରୂପେ ପୂଜା ପାଉଥିବା ମା'ପାର୍ବତୀଙ୍କ ଷୋଳ ପୂଜା ଓ ତନ୍ତ୍ର ପାଠ ଶନିବାରଠାରୁ ଆରମ୍ଭ ହୋଇଛି। ଶନିବାର ସନ୍ଧ୍ୟାରେ ପୂଜକମାନେ ମନ୍ଦିର ବେଢାରେ ଥିବା ବାର୍ମ୍ଫିରୁ ୧୦୦୮ ଢାଳ ଜଳ ଆଣି ଦେବୀଙ୍କୁ ମହାସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ କରାଇଥିଲେ । ପରେ ତନ୍ତ୍ର ବିଧି ଅନୁସାରେ ଷୋଡଶ ଉପଚାରରେ ପୂଜା ପାଠ କରାଯାଇଥିଲା। ପର୍ଶୁରାମ ତ୍ରିପାଠୀ ପାରମ୍ପରିକ ରୀତିରେ ଦେବୀଙ୍କ ପୂଜାର୍ଚ୍ଚନା କରିଥିବା ବେଳେ ଚଣ୍ଡୀପାଠ ଆରମ୍ଭ କରିଥିଲେ। ପୂଜା ପଣ୍ଡା କୈଳାସ ଚନ୍ଦ୍ର ମହାପାତ୍ର, ସେବାୟତ ପ୍ରଭାତ କୁମାର ମହାପାତ୍ରଙ୍କ ସହିତ ପାଳିଆ ସେବାୟତମାନେ ସହଯୋଗ କରିଥିଲେ । ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ ଏହାକୁ ପରିଚାଳନା କରିଥିଲେ। ସେହିପରି ବାଉଁଶିଆ ଗ୍ରାମର ମା'ବ୍ରାହ୍ମଣୀ ଦେବୀ, ଶିଖରପୁରର ମା'ତାରିଣୀଙ୍କ ପୀଠରେ ଷୋଳପୂଜା ଆରମ୍ଭ ହୋଇଛି । ମା'ଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ ଲାଗି ରହୁଛି।

### ବିଶ୍ୱକର୍ମାଙ୍କ ପୂଜା ପାଇଁ ଉତ୍ସବ ମୁଖର

**ନୟାଗଡ଼ ଅଫିସ,୧୭।୯:** ବିଶ୍ୱକର୍ମାଙ୍କ ପୂଜା ପାଇଁ ନୟାଗଡ ଜିଲା ସଦର ମହକୁମା ସମେତ ନୟାଗଡ଼ ଜିଲା ଉତ୍ସବ ମୁଖର ହୋଇ ଉଠିଛି । ଏ ଅବସରରେ ସୁନ୍ଦର ଆଲୋକସଜ୍ଜା ଓ ତୋରଣରେ ଝଲସି ଉଠିଛି ନୟାଗଡ । ନୟାଗଡ ସହରର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ, ଖଣ୍ଡପଡା ରୋଡ ବିଦ୍ୟୁତ୍ ଷ୍ଟକଚର କାର୍ଯ୍ୟାଳୟ, ପିଏଚଡି କାର୍ଯ୍ୟାଳୟ, ନୟାଗଡ ମ୍ୟୁନିସିପାଲିଟିରେ ବିଶ୍ୱକର୍ମାଙ୍କ ମେଢ଼ ଶୋଭା ପାଉଛି ।

# ଅପ୍‌ଡେଟ୍ କରାଯାଉନି ରାଶନ କାର୍ଡ

- ମୃତକ, ବିବାହିତା ଝିଅଙ୍କ ନାଁରେ ଉଠୁଛି ରାଶନ
- ଭତ୍ତାରୁ କଟୁଛି, ରାଶନ କାର୍ଡରୁ ହଟୁନି ନାମ
- ଅପ୍‌ଡେଟ୍ ପାଇଁ ଦଶପଲ୍ଲା ବିଡିଓଙ୍କୁ ଫେରାଦ୍

**ନୟାଗଡ଼ ଅଫିସ,୧୭।୯**

ନୟାଗଡ଼ ଜିଲାରେ ରାଶନ କାର୍ଡ ଅପଡେଟ ହେଉ ନ ଥିବାରୁ ରାଶନ ସାମଗ୍ରୀ ମୃତକ ଓ ବିବାହିତା ମହିଳାଙ୍କ ନାଁରେ ଉଠାଣ ଚାଲିଛି । ଅନ୍ୟପକ୍ଷେ ଭତ୍ତା ଲିଷ୍ଟରୁ ମୃତକଙ୍କ ନାମ ହଟି ଯାଉଥିବାବେଳେ ରାଶନକାର୍ଡରୁ ହଟାଇବାରେ କାହିଁକି ଅଣଦେଖା କରାଯାଉଛି ବୋଲି ପ୍ରଶ୍ନ ଉଠୁଛି । ପୁଣି ବହୁ ଯୁବତୀଙ୍କ ବିବାହ ପରେ ସେମାନଙ୍କ ନାମରେ ବାପ ଘର ଲୋକେ ରାଶନ ନେଉଛନ୍ତି । ସେହିପରି ବହୁ ଯୋଗ୍ୟ ଲୋକ ରାଶନ କାର୍ଡ ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କୁ ସାମିଲ କରା ନ ଯାଇ ସମୟ ଦିଆ ଚାଲିଛି। କିନ୍ତୁ ଅଯୋଗ୍ୟ ଲୋକ ଧରାଧରି କରି ଗରୀବଙ୍କ ନାଁରେ ଯୋଜନାର ସୁଫଳ ପାଇ ଚାଲିଥିବାର ଅଭିଯୋଗ ହୋଇ ଆସୁଛି । ଅପରପକ୍ଷେ ରାଶନ କାର୍ଡ ଅପଡେଟ କରିବା ପାଇଁ ଦଶପଲ୍ଲା ବିଡିଓଙ୍କୁ ଫେରାଦ୍ ହୋଇଥିଲେ ମଧ୍ୟ ସୁଫଳ ମିଳିନି ।

ଦଶପଲ୍ଲାର କୁଞ୍ଜ ବିହାରୀ ପାତ୍ରଙ୍କର ଅଭିଯୋଗ ଅନୁସାରେ ଦଶପଲ୍ଲା ବ୍ଲକ ଏକ ଆଦିବାସୀ ହରିଜନ ଅଧ୍ୟୁଷିତ ଅଞ୍ଚଳ। ଏଠାକାର ଲୋକଙ୍କ ଜୀବନଧାରଣର ମାନ ଉନ୍ନତ ନୁହେଁ । ଅନେକ ଲୋକ ଅଛନ୍ତି ଯେଉଁମାନେ ଭଙ୍ଗା କୁଡିଆ ଓ ଜରି ପାଲ ତଳେ ରହୁଛନ୍ତି । ଅଥଚ ସେମାନଙ୍କୁ ରାଶନ କାର୍ଡ ମିଳିନି । ବାରମ୍ବାର ଜିଲାପାଳ, ଉପଜିଲାପାଳ, ବିଡିଓଙ୍କୁ ଅଭିଯୋଗ ପରେ ବି ସୁଫଳ ମିଳିନି । କେତେଜଣ ଲୋକ ଭଙ୍ଗା ଘରେ ରହୁଥିଲେ ମଧ୍ୟ ସେମାନଙ୍କୁ ଟ୍ରକ ଓ ଟ୍ରାକ୍ଟର ମାଲିକ, ଛାତ ଘର ଦର୍ଶାଇ ଯୋଜନାରୁ ଦୂରେଇ ରଖା ଯାଉଛି । ରାଜନୈତିକ ଚାପ ହେଉ ଅଥବା ଅନ୍ୟ କେଉଁ କାରଣରୁ ହେଉ ଗରିବଙ୍କୁ ଅଣଦେଖା କରାଯାଉଛି । ସେହିପରି ଦଶପଲ୍ଲା ବ୍ଲକ ଓ ଏନଏସିରେ ବହୁ ୱାର୍ଡରେ ୩୦୦ରୁ ଊର୍ଦ୍ଧ୍ୱ ମୃତକ ଓ ଶତାଧିକ ବିବାହିତ ଝିଅଙ୍କ ନାଁରେ ରାଶନ ସାମଗ୍ରୀ ଉଠାଣ ହେଉଛି । ମୃତକଙ୍କ ଭତ୍ତା ତାଲିକାରୁ ନାଁ କଟୁଥିଲେ ମଧ୍ୟ ରାଶନ କାର୍ଡରୁ ନାଁ କଟୁ ନ ଥିବାରୁ ଏପରି ଅନିୟମିତତା ଚାଲୁ ରହିଛି । ଯୋଗାଣ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଅବ୍ୟବସ୍ଥା ବଢ଼ି ଚାଲିଛି । ଏଣୁ ଏହାର ତୁରନ୍ତ ଅପଡେଟ ହେବା ସହ ନୂଆ ହିତାଧିକାରୀଙ୍କୁ ସାମିଲ କରିବାକୁ ଦାବି ହେଉଛି । ରଣପୁରର ସୀତା ସ୍ୱାଇଁ କୁହନ୍ତି, ରଣପୁର ବ୍ଲକ ଅଞ୍ଚଳରେ ମୃତକ ଓ ବିବାହିତା ଝିଅଙ୍କ ନାଁରେ ରାଶନ ଉଠାଣ ହେଉଛି । ଏଭଳି ସମସ୍ୟା କେବଳ ରଣପୁରର ନୁହେଁ । ଏହା ଜିଲାର ସମସ୍ୟା । ଅନେକ ହିତାଧିକାରୀ ଅଛନ୍ତି ଯେଉଁମାନଙ୍କ କିଛି ସଦସ୍ୟ ଯୋଜନାରେ ଯୋଡି ହୋଇ ପାରୁ ନାହାନ୍ତି । ବାରମ୍ବାର ଅଭିଯୋଗ ପରେ ବି ସେମାନଙ୍କୁ ସାମିଲ କରାଯାଉନି । ପୁଣି ଯେଉଁମାନେ ପ୍ରାଣ ହରାଉଛନ୍ତି, ଯେଉଁ ଝିଅ ମାନେ ବିବାହ ହେଉଛନ୍ତି ସେମାନଙ୍କୁ ବାଦ୍ ଦେବା ପାଇଁ ସ୍ୱତନ୍ତ୍ର ଭାବେ ସମୀକ୍ଷା ହେବା ଦରକାର । ସେହିପରି ଘରକୁ ନୂଆ ବୋହୁ ଆସୁଥିଲେ ସେମାନଙ୍କୁ ଯୋଡିବା ଦରକାର । ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ବ୍ଲକସ୍ତରରେ ଅପ୍‌ଡେଟ୍ ହେବା ଦରକାର । ଅପ୍‌ଡେଟ ହେଉଛି ବୋଲି କହୁଛନ୍ତି । ତଥାପି ଏନେଇ ବ୍ଲକ୍‌ସ୍ତରୀୟ ଯୋଗାଣ ଅଧିକାରୀଙ୍କୁ କହି ଅପ୍‌ଡେଟ କରିବେ ବୋଲି କହିଛନ୍ତି ।

# ଦୂରଗାମୀ ବସ୍ ଚଳାଚଳ ଦାବି



କୋରାପୁଟ ଜିଲା ଜୟପୁରକୁ ଯାଉଥିବା ବସ୍ ।

**ଖଣ୍ଡପଡା,୧୭।୯(ସ୍ୱ.ପ୍ର.)**

କଟକ ଜିଲାର ନରସିଂହପୁର ଓ କମଳାଡିହଠାରୁ ଖଣ୍ଡପଡା –ନୟାଗଡ ଦେଇ ଘରୋଇ ପରିବହନ ଓ ରାଜ୍ୟ ସଡକ ପରିବହନ ନିଗମର ୨ଟି ଲେଖାଁଏ ଯାତ୍ରୀବାହୀ ବସ କୋରାପୁଟ ଜିଲାର ଜୟପୁରକୁ ଯାତାୟତ କରୁଛି। ମାତ୍ର ଦୂରଗାମୀ ଯାତ୍ରୀବାହୀ ବସ ୨ଟି ଖଣ୍ଡପଡା ବାଇପାସ ରାସ୍ତା ଦେଇ ଯାତାୟତ କରୁଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତ ୬ମାସ ଧରି ଯାତାୟତ କରୁଥିବା ଏହି ଦୂରଗାମୀ ଯାତ୍ରୀବାହୀ ବସ ସମ୍ପର୍କରେ ଖଣ୍ଡପଡା ସହରର ଅଧିକାଂଶ ଜନସାଧାରଣ ଜାଣି ନ ଥିବା କହିଛନ୍ତି। ଯାତ୍ରୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଦୂରଗାମୀ ଯାତ୍ରୀବାହୀ ବସ ଗୁଡିକ ଖଣ୍ଡପଡା ସହର ମଧ୍ୟ ଦେଇ ଯାତାୟତ କରିବାକୁ ସାଧାରଣରେ ଦାବି ହେଉଛି ।

# ବିକାଶମୂଳକ କାର୍ଯ୍ୟ ବୁଲି ଦେଖିଲେ



ମିଶନଶକ୍ତି ଗୃହରେ ଜନପ୍ରତିନିଧି ।

## ୫ ଜିଲା ଜନପ୍ରତିନିଧିଙ୍କ ଭାପୁର ଗସ୍ତ

**ଭାପୁର, ୧୭।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକର ବିଭିନ୍ନ ଅଞ୍ଚଳକୁ ଶନିବାର ୫ ଜିଲାର ଜନପ୍ରତିନିଧି ବୁଲି ଦେଖିଛନ୍ତି । ଓଡିଶା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପକ୍ଷରୁ ତାଲିମ କାର୍ଯ୍ୟକ୍ରମରେ ରାୟଗଡା, ସମ୍ବଲପୁର, ଯାଜପୁର, କଳାହାଣ୍ଡି ଏବଂ ଖୋର୍ଦ୍ଧା ଜିଲା ଅଧୀନ ବ୍ଲକ ଅଧ୍ୟକ୍ଷମାନେ ଭାଗ ନେଇଥିଲେ । ସେମାନେ ପୂର୍ବାହ୍ନରେ ଭାପୁର ବ୍ଲକରେ ପହଞ୍ଚିଥିଲେ । ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଏବଂ ଜନ ପ୍ରତିନିଧିମାନେ ସେମାନଙ୍କୁ ପାଛୋଟି ନେଇଥିଲେ । ଏହାପରେ ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ବିଭିନ୍ନ ଜିଲାରୁ ଆସିଥିବା ଜନପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ପ୍ରଧାନ ତାଙ୍କର କିଛି ମାସର ସଂକ୍ଷିପ୍ତ କାର୍ଯ୍ୟକାଳ ମଧ୍ୟରେ ଭାପୁର ଭଳି କୃଷି ପ୍ରଧାନ କ୍ଷେତ୍ରରେ ଆମେ ଯଥାସମ୍ଭବ ବିକାଶ କରିବା ନିମନ୍ତେ ଉଦ୍ୟମ କରିଥିବା କହିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଦିଗଦର୍ଶନ ଏବଂ ପ୍ରଶାସନିକ କଳର ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବ ହୋଇପାରିଥିବା ମତବ୍ୟକ୍ତ କରିଥିଲେ । ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ ଜନ୍ମେଜୟ ସାହୁ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଜନପ୍ରତିନିଧିମାନେ ଫତେଗଡ ପଞ୍ଚାୟତର ନାଳିସାଗର ପଡିଆ, ବଦଶହରା ପଞ୍ଚାୟତର ମିଶନ ଶକ୍ତି ଗୃହ, ୫-ଟି ଉଚ୍ଚ ବିଦ୍ୟାଳୟ, ଗୋପାଳପ୍ରସାଦ ପାହାଡ ଉପରେ ଥିବା ରାଧାକୃଷ୍ଣ ମନ୍ଦିର ଆଦି ଜନକଲ୍ୟାଣ ମୂଳକ ପ୍ରକଳ୍ପ ବୁଲି ଦେଖିଛନ୍ତି।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ନୂଆଗାଁ,୧୭।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ରାଜୀବ ଗାନ୍ଧୀ ସଭା ଗୃହରେ ଶନିବାର ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ବ୍ଲକ ଓର୍‌ମାସ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରରେ ନୂଆଗାଁ ବ୍ଲକର ୨୨ ପଞ୍ଚାୟତରୁ ୧୨୨ ଯୁବତୀ ଯୁବକ ନିଜର ନାମ ପଞ୍ଜୀକରଣ କରିଥିବା ନୂଆଗାଁ ବିପିଏମ୍ ସସ୍ମିତା ପରିଡା ସୂଚନା ଦେଇଛନ୍ତି । କପଡା ସିଲେଇ, କଷ୍ଟମର କେୟାର, ରୋଗୀସେବା ସହାୟକ ଓ ବୈଦ୍ୟୁତିକ କାରିଗରୀ ପାଇଁ ୪ ସଂସ୍ଥା ନିଯୁକ୍ତି ବାବଦରେ ଯୁବତୀ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ । ତେବେ ଏହି ଶିବିରକୁ ଆସିଥିବା ଅନେକ ଯୁବତୀ ଯୁବକ ଶିବିରର ଆଭିମୁଖ୍ୟ ଓ ସେମାନଙ୍କୁ ଡକା ଯାଇଥିବାର କାରଣ ଜାଣି ନ ଥିବା କହିଛନ୍ତି ।

ମାଳିସାହି ପଞ୍ଚାୟତର ପ୍ରଭାତ ପ୍ରଧାନ, ହୃଦ ଜାନି ଓ ଜାକେଡା ପଞ୍ଚାୟତର ରବିନ୍ଦ୍ର ଜାନୀ, ସେବତୀ ଜାନୀ, ମାଳତି ଜାନିଙ୍କୁ ପଚାରିବାରେ ଏମ୍‌ବିକେ ଡାକିବାରୁ ଆମେ ଆସିଛୁ କିନ୍ତୁ କ'ଣ କରାଯିବ ଆମେ ଜାଣି ନାହୁଁ ବୋଲି କହିଥିଲେ । ଅନ୍ୟପକ୍ଷେ ଗତ କ୍ୟାମ୍ପରେ ଯୋଗ ଦେଇଥିବା ଜୟପଲି ଗ୍ରାମର ୭ ଜଣ ଯୁବତୀ ବାଙ୍ଗାଲୋରରେ ଅରବିନ୍ଦ ଲିମିଟେଡ୍ କମ୍ପାନୀରେ କାର୍ଯ୍ୟ କରି ମାସିକ ୧୦ ହଜାର ଟଙ୍କା ରୋଜଗାର କରୁଥିବା କହିଛନ୍ତି ଏମ୍‌ବିକେ । ଆଜିର ଏହି କାର୍ଯ୍ୟକ୍ରମରେ ଓରମାସର ଜିଲା ସଂଯୋଜକ ଅବିନାଶ ଜେନା, ଓରମାସ ଦକ୍ଷତା ବିକାଶ ସଂଯୋଜକ କେଲୁ ଚରଣ ସେଠୀ, ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ନୂଆଗାଁ ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଙ୍ଗାଲୋରରେ ରହି ରୋଜଗାରକ୍ଷମ ହୋଇ ପାରିଥିବା ଯୁବତୀମାନଙ୍କ ଉଦ୍ଦେଶ୍ୟରେ ଅଭିଭାବକଙ୍କୁ ସମ୍ମାନିତ କରାଯାଇଥିଲା।



ଯୁବତୀଯୁବକମାନେ ନାମ ପଞ୍ଜୀକରଣ କରୁଛନ୍ତି ।

# ମାଡ଼ ମାରି ବାପଘରେ ଫୋପାଡ଼ି ଚାଲିଗଲେ

**ନୟାଗଡ଼ ଅଫିସ,୧୭।୯**

ଶାଶୁ ଘରେ ମାଡ ମାରି ବାପ ଘରେ ଫୋପାଡିବା ଘଟଣାରେ ଶରଣକୁଳ ଥାନା ପୋଲିସ ଶିଖରପୁର ଗାଁର କାହ୍ନୁ ମନ୍ତ୍ରୀ(୩୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ କାହ୍ନୁଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଓଡଗାଁ ଥାନା ପାଣ୍ଡେରୀପଡା ଗାଁର ହରିବନ୍ଧୁ ସାହୁଙ୍କ ଝିଅ ରଶ୍ମିତା(୨୮)ଶରଣକୁଳ ଥାନା ଶିଖରପୁର ଗାଁର କାହ୍ନୁଙ୍କୁ ବିବାହ କରିଥିଲେ । ଗତ ୧୫ ତାରିଖ ପୂର୍ବାହ୍ନରେ ରଶ୍ମିତାଙ୍କ ୭ ବର୍ଷର ଝିଅ ପାଣି ମୋଟର ସ୍ୱିଚ ଅନ୍ କରିଦେବାରୁ ଗଣ୍ଡଗୋଳ ହୋଇଥିଲା । ଏହି ଘଟଣାରେ ଶ୍ୱଶୁର ରାଗିଯାଇ ବୋହୂକୁ ଗାଳିଗୁଲଜ କରି ୨ ଲକ୍ଷ ଟଙ୍କା ଯୌତୁକ ବାବାଦକୁ ଓ ଗାଡ଼ି ଆଣିବାକୁ କହିଥିଲେ। ପରେ ଶାଶୁ ବେଲେଣା କାଠିରେ ମାରପିଟ କରି ଘରୁ ତଡି ଦେଇଥିଲେ। ଶେଷରେ ସ୍ୱାମୀ ପହଞ୍ଚି ମା'କଥା ଶୁଣି ଉତ୍ତେଜିତ ହୋଇ ସ୍ତ୍ରୀଙ୍କୁ ମାରପିଟ୍ କରି ବାପ ଘର ପାଖରେ ଫୋପାଡି ଚାଲି ଆସିଥିଲେ । ଏନେଇ ଶରଣକୁଳ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୨୦/୨୨) ରୁଜୁ କରି ଘଟଣାର ତଦନ୍ତ କରିଥିଲା ।

# ଭାପୁର, ଖଣ୍ଡପଡ଼ାରେ ବିଶ୍ୱକର୍ମା ପୂଜା





ଖଣ୍ଡପଡ଼ା ଓ ନୟାଗଡ଼ରେ ବିଶ୍ୱକର୍ମାଙ୍କ ମେଢ଼ ।

**ଖଣ୍ଡପଡ଼ା/ ଭାପୁର ୧୭।୯ (ସ୍ୱ.ପ୍ର./ ଡିଏନ୍ଏ.)**

ସୃଷ୍ଟିର ଶ୍ରେଷ୍ଠ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଶନିବାର ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଶିଳ୍ପାନୁଷ୍ଠାନରେ ପାଳିତ ହୋଇ ଯାଇଛି । ଖଣ୍ଡପଡ଼ା ଓ କଣ୍ଟିଲୋ ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ସଂସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ, ଜଳ ସଂପଦ ବିଭାଗ, ପୂର୍ତ୍ତ ବିଭାଗ, ଆଇଟିଆଇ ସମେତ ବିଭିନ୍ନ ଘରୋଇ ଶିଳ୍ପାନୁଷ୍ଠାନମାନଙ୍କରେ ବିଶ୍ୱକର୍ମାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କାରାଯାଇଥିଲା । ପୂଜା ପାଉଥିବା ମୂର୍ତ୍ତି ହେଉଛନ୍ତି ଚତୁର୍ଭୁଜ । ବାମ ଉପର ହାତରେ ବଟାଳୀ ଓ ବାମ ତଳ ହାତରେ ହାତୁଡି ବା ନିକିତି ରହିଥିବା ବେଳେ ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆର୍ଶିବାଦ କରୁଥିବା ଠାଣି ଦୃଷ୍ଟି ଗୋଚର ହୋଇଥିଲା । ବାହାନ କେତେକ ସ୍ଥାନରେ ହାତୀ ପୁଣି କେତେକ ସ୍ଥାନରେ ହଂସ । କିମ୍ବଦନ୍ତୀ କୁହେ ସ୍ୱୟଂ ଜଗନ୍ନାଥଙ୍କୁ ବିଶ୍ୱକର୍ମା ନିର୍ମାଣ କରିଥିଲେ । ଏଣୁ ବିଶ୍ୱକର୍ମା ହେଉଛନ୍ତି ସ୍ୱୟଂ ବିଶ୍ୱ ନିୟନ୍ତା ଏବଂ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ । ସେହିପରି ଭାପୁର ବ୍ଲକ ଅଧୀନ ବିଭିନ୍ନ ଗ୍ରାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ବିଦ୍ୟୁତ ବିଭାଗ ଅଫିସ , ଗ୍ରାମ୍ୟଜଳ ଯୋଗାଣ ବିଭାଗ, ଟେଲିଫୋନ ଏକ୍ସଚେଞ୍ଜ ଅଫିସ, ଗ୍ରୀଲ୍ ଦୋକାନ, ସିମେଣ୍ଟ ଦୋକାନ, ଇଟାଭାଟି, ବିଭିନ୍ନ ଗ୍ୟାରେଜ ସମେତ ବଡସହରା, ସାନସହରା, ରାକମା ଆଦି ଗ୍ରାମରେ ଦେବଶିଳ୍ପୀଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସମସ୍ତ ୨୧ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମହାରଣା ମାନେ ନିରାଡମ୍ବର ଭାବେ ଏହି ପୂଜା କରିଛନ୍ତି । ଯାନବାହନ ମାଲିକମାନେ ଓ ବିଭିନ୍ନ ପ୍ରକାରର ଅପରେଟର ମାନେ ସେମାନଙ୍କର ଯାନବାହନ ଓ ମେଶିନ ପୂଜା କରିଥିଲେ । ବିଶ୍ୱକର୍ମା ତଥା ମହାରଣା ମାନେ ସେମାନଙ୍କର ଯନ୍ତ୍ରପାତି ସଜରେ ବସାଇଥିଲେ ।

# ୫-ଟି ସ୍କୁଲର ସିଲିଂ ଖସିଲା

## କାମ ସରିବାର ୨ ମାସ ପରେ ମରାମତି ହେଲା

**ଓଡ଼ଗାଁ,୧୭।୯(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ପାଣ୍ଡେରିପଡା ଶତ୍ରୁଘ୍ନ ସରକାରୀ ହାଇସ୍କୁଲ ୫-ଟି ମାଧ୍ୟମରେ ରୂପାନ୍ତରିତ ହେବାର ୨ମାସ ଭିତରେ ସିଲିଂ ଖସିଛି । ଏନେଇ ବ୍ଲକ ଛାତ୍ର କଂଗ୍ରେସ ଓ ଜିଲା କଂଗ୍ରେସ ପକ୍ଷରୁ ନିମ୍ନମାନର କାର୍ଯ୍ୟ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ୫-ଟି ଦ୍ୱାରା ରୂପାନ୍ତରିତ ହେଉଥିବା ସ୍କୁଲକୁ ୪୫ ଲକ୍ଷ ଟଙ୍କା ଅନୁଦାନ ଆସୁଥିବା ବେଳେ ଏଥିରୁ ୩୫ ଲକ୍ଷ ବ୍ୟୟ କରିବା ପରେ ବଳକା ୧୦ ଲକ୍ଷ ଟଙ୍କା ବିନିମୟରେ କମ୍ପ୍ୟୁଟର, ସିସିଟିଭି କ୍ୟାମେରା ସମେତ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ବହୁ ଆଡମ୍ବର ସହିତ ଏହି ବିକାଶ କାର୍ଯ୍ୟର ଲୋକାର୍ପଣ କରାଯାଇଥିଲା । ଲାଇବ୍ରେରୀ ରୁମ ଛାତରୁ ସିଲିଂ ଖସିବା ନେଇ ଅଭିଯୋଗ ହେବା ପରେ ଠିକାଦାର ଖୁବ୍‌ଶୀଘ୍ର ତାର ମରାମତି କରିଛନ୍ତି । ଅନ୍ୟପକ୍ଷେ ସିଲିଂ ମରାମତି କରାଯାଇଥିବା ବ୍ଲକ ଅଧ୍ୟକ୍ଷ କହୁଥିବା ବେଳେ ଏଯାବତ୍ ସିଲିଂ ମରାମତି ହୋଇ ନ ଥିବା ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ବିଷୋୟୀ କହିଛନ୍ତି । ତାଙ୍କ କହିବା କଥା ୪୫ ଲକ୍ଷ ଟଙ୍କା ବ୍ୟୟରେ ରୂପାନ୍ତରୀତ ହୋଇଥିବା ଶତ୍ରୁଘ୍ନ ହାଇସ୍କୁଲର ଦୂରାବସ୍ଥା କହିଲେ ନସରେ । ସିଲିଂ ଖସିଲାଣି,ପାଚେରୀ ରଙ୍ଗ ଗଲାଣି, ଖୋଦ ବ୍ଲକ ଅଧ୍ୟକ୍ଷଙ୍କ ପିଲାଦିନ ସ୍କୁଲର ଏହିପରି ଦୁରାବସ୍ଥା । ଏହାର ତଦନ୍ତ ହେଉ । ଏ ସଂକ୍ରାନ୍ତରେ ଜିଲା କଂଗ୍ରେସ କମିଟି ସଭାପତି ରଣଜିତ କୁମାର ଦାଶ କୁହନ୍ତି, ହାଇସ୍କୁଲ ରୂପାନ୍ତରିତ ହେବାର ଦୁଇ ମାସ ନ ପୂରୁଣୁ ଛାତର ସିଲିଂ ଭାଙ୍ଗି ପଡ଼ିଥିଲା । ଅନ୍ୟ ସ୍କୁଲ ଅବସ୍ଥା ସହଜରେ ଅନୁମେୟ।

ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ବିଭିନ୍ନ ୫ଟି ସ୍କୁଲ ପରିଦର୍ଶନରେ ଯାଉଥିବା ବେଳେ ଏହି ସ୍କୁଲକୁ ନ ଆସିବାର କାରଣ ସମ୍ପର୍କରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନୁଦାନ ପରିଚାଳନା କରିବାକୁ ବ୍ଲକ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ନାମକୁ ମାତ୍ର କାର୍ଯ୍ୟାଦେଶ ମିଳୁଥିବା ବେଳେ ଦଳୀୟ ଠିକାଦାରଙ୍କ ଦ୍ୱାରା କାମ କରାଯାଇ ବ୍ୟାପକ ଦୁର୍ନୀତି ହୋଇଛି। ଏନେଇ ତଦନ୍ତ କରିବାକୁ ସେ ୫-ଟି ସଚିବଙ୍କ ଦୃଷ୍ଟିକୁ ଆଣିବାକୁ ନିଷ୍ପତି ନେଇଛନ୍ତି । ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷା ଲୋକନାଥ ସାହୁ କହିଛନ୍ତି, କଂଗ୍ରେସର ଅଭିଯୋଗ ଭିତ୍ତିହୀନ । ୧୬ ବର୍ଷ ତଳର ସ୍କୁଲ ଗୃହ । ଛାତ ଉପର ଗ୍ରେଡିଂ କରାଯାଇ ସିଲିଂ କରାଯାଇଥିଲା । ହେଲେ ପାର୍ଶ୍ୱ କାନ୍ଥ ଦେଇ ଲଗାଣ ବର୍ଷାରେ ପାଣି ଆସି ସିଲିଂ ଖସିଛି। ଅଭିଯୋଗ ପରେ ସବୁ ମରାମତି ସରିବା ସହିତ ପାର୍ଶ୍ୱ କାନ୍ଥ ପୁନଃ ପ୍ଲାଷ୍ଟର କରାଯାଛି। ଏଣିକି ସିଲିଂ ବ୍ୟବସ୍ଥାକୁ ଉଚ୍ଛେଦ କରିବୁ ।



ଭାଙ୍ଗିପଡିଥିବା ଶ୍ରେଣୀଗୃହ ସିଲିଂ ।

